# ସଂକ୍ଷେପରେ

## ବିସ୍ଫୋରଣରେ ୨ ଯବାନ ସହିଦ୍

**ଇମ୍ଫାଲ୍, ୧୩।୧୧/ପିଟିଆଇ :** ମଣିପୁରର ଚାନ୍ଦେଲ ଜିଲ୍ଲା ନିକଟ ଭାରତ-ମିଆଁମାର୍ ସୀମାରେ ଆଜି ବୋମା ବିସ୍ଫୋରଣ ଘଟି ୧୮ ଆସାମ ରାଇଫଲ୍ସର ୨ ଜଣ ଯବାନ ସହିଦ ହୋଇଥିଲା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ସକାଳ ୬ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ବିଦ୍ରୋହୀମାନେ ରିମୋଟ୍ କଣ୍ଟ୍ରୋଲ୍ ଦ୍ୱାରା ବୋମା ବିସ୍ଫୋରଣ କରିଥିଲେ। ଘଟଣାସ୍ଥଳରେ ରାଇଫଲ୍-ମ୍ୟାନ୍ ଇନ୍ଦ୍ର ସିଂହ ସହିଦ ହୋଇଥିଲା ବେଳେ ଆହତ ରାଇଫଲ୍‌ମ୍ୟାନ୍ ସୋହଲାଲ୍ ଆଖି ବୁଜିଥିଲେ।

## ୨ ଆତଙ୍କୀ ନିହତ

**ଶ୍ରୀନଗର, ୧୩।୧୧/ପିଟିଆଇ:** ଜମ୍ମୁ-କଶ୍ମୀରରେ ସୁରକ୍ଷା ବାହିନୀ ଗୁଳିରେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ହନ୍ଦୱାଡାର ଜାଟଲ୍‌ଦୀରା ଅଞ୍ଚଳରେ ପୁଲିସ ଚେକ୍‌ପୋଷ୍ଟ ଉପରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲେ। ଏନ୍‌କାଉଣ୍ଟର୍‌ର ଅଳ୍ପ ସମୟ ମଧ୍ୟରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲା ବେଳେ ଅନ୍ୟମାନେ ଖସି ପଳାଇଥିଲେ।

## ଶଶିକଳାଙ୍କ ସମ୍ପର୍କୀୟଙ୍କ ୧୪୦୦ କୋଟି ସମ୍ପତ୍ତି ଠାବ

**ଚେନ୍ନାଇ, ୧୩।୧୧/ଏଜେନ୍ସି:** ଜେଲ୍‌ରେ ଥିବା ଏଆଇଏଡିଏମ୍‌କେ ନେତ୍ରୀ ଭିକେ ଶଶିକଳାଙ୍କ ସମ୍ପର୍କୀୟଙ୍କ ଘରୁ ଆୟକର ବିଭାଗ ୧୪୩୦ କୋଟି ମୂଲ୍ୟର ଅଘୋଷିତ ସମ୍ପତ୍ତି ଠାବ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଗତ ଗୁରୁବାରଠାରୁ ଆୟକର ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଆଜି ମଧ୍ୟ ଶଶିକଳାଙ୍କ ସମ୍ପର୍କୀୟଙ୍କ ସମେତ ଜୟା ଟିଭି ଉପରେ ଚଢ଼ଉ କରି ଏତେ ପରିମାଣର ସମ୍ପତ୍ତି ଠାବ କରିବାରେ ସକ୍ଷମ ହୋଇଛି।

## ଦୋଷ ସ୍ୱୀକାର କଲା ହରିଆଣା ପୁଲିସ୍

**ଗୁରୁଗ୍ରାମ, ୧୩।୧୧/ପିଟିଆଇ :** ହରିଆଣାର ଗୁରୁଗ୍ରାମ ସ୍ଥିତ ରାୟନ୍ ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲର ୨ୟ ଶ୍ରେଣୀ ଛାତ୍ର ପ୍ରଦ୍ୟୁମ୍ନ ଠାକୁର ହତ୍ୟା ମାମଲାରେ ରାଜ୍ୟ ପୁଲିସ ତା'ର ଦୋଷ ସ୍ୱୀକାର କରିଛି। ତଦନ୍ତରେ ଭୁଲ୍ ରହିଥିବା ରାଜ୍ୟ ପୁଲିସ ମାନିଯାଇଛି। ଗୁରୁଗ୍ରାମ ପୁଲିସ କମିଶନର୍ ସନ୍ଦୀପ ଖିରୱାର ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିବା ପୁଲିସ ଟିମ୍‌କୁ ଡାକି ଭର୍ତ୍ସନା କରିଛନ୍ତି। ଟିମ୍ କହିଛି, ଅନୁସନ୍ଧାନ ବେଳେ ସିସିଟିଭି ଫୁଟେଜ୍‌କୁ ଭଲରେ ନିରୀକ୍ଷଣ କରାନଯିବାରୁ ଏଭଳି ତ୍ରୁଟି ଦେଖାଦେଇଛି। ସିସିଟିଭି ଫୁଟେଜ୍‌ର ପ୍ରଥମ ୮ସେକେଣ୍ଡ୍ ଦୃଶ୍ୟରୁ ସ୍ପଷ୍ଟ ହୋଇଯାଇଛି ଯେ, ପ୍ରଦ୍ୟୁମ୍ନଙ୍କୁ ଏକାଦଶ ଶ୍ରେଣୀ ଛାତ୍ର ବାଥ୍ ରୁମ୍‌କୁ ନେଇଥିଲା।